**ସଂକ୍ଷେପରେ**

## ମାଟି ବୋଝେଇ ଟ୍ରାକ୍ଟର ଜବତ ପୋତାଗଡ଼ରୁ ଚୋରି ହେଉଛି

ଗଞ୍ଜାମ,୨୪ା୧(ବିଦ୍ୟାଧର ସାହୁ) ଗଞ୍ଜାମ ସହର ସ୍ଥିତ ଐତିହାସିକ ପୋତାଗଡ଼ ଗୋଚର ଜମିରୁ ମାଟି ଚୋରି ହେଉଥିବା ଅଭିଯୋଗ ହୋଇଛି। ବିନା ଦ୍ୱିଧାରେ ଶହ ଶହ ଟ୍ରାକ୍ଟର ମାଟି ଚୋରି କରି ନେଇ ପୋଖରୀ ପୋତା କାର୍ଯ୍ୟ ଚାଲିଛି। ଏହି ଅଭିଯୋଗ ପରେ ତହସିଲଦାର ଏବଂ ଆରଆଇ ରବୀନ୍ଦ୍ର କୁମାର ପ୍ରଧାନ ପୋତାଗଡ଼ରୁ ଆସୁଥିବା ମାଟି ବୋଝଇ ଟ୍ରାକ୍ଟର ଜବତ କରି ଥାନାକୁ ପଠାଇଛନ୍ତି। ଏନଏସି ଅଞ୍ଚଳର ଜଣେ ଠିକାଦାର ଏଥିରେ ସମ୍ପୃକ୍ତ ଥିବା ଜଣାପଡିଛି। କାଗଜ ପତ୍ର ଠିକ ନ ଥିବା ଯୋଗୁଁ ମାଟି ବୋଝେଇ ଟ୍ରାକ୍ଟର ସିଜ କରାଯାଇଛି ବୋଲି ଆରଆଇ ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ ଗତ କିଛି ମାସ ତଳେ ଏନଏସି ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ତଥା ସେଲଫି ପଏଣ୍ଟକୁ ପୋତାଗଡ଼ରୁ ମାଟି ଅଣାଯାଉଥିବା ବେଳେ ତୁମ୍ଭି ତୋଫାନ ହୋଇଥିଲା। ଏବେ କିପରି ଉନ୍ନତୀକରଣ ନାମରେ ରାଜସ୍ୱକୁ ଫାଙ୍କି ଶହ ଶହ ମାଟି ଟ୍ରାକ୍ଟର ନିଆଯାଉଛି ବୋଲି ସହରରେ ଆଲୋଚନା ଜୋର ଧରିଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଭଞ୍ଜନଗର,୨୪ା୧(ବାବୁଲା ପ୍ରଧାନ)– ଭଞ୍ଜନଗର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୧୧ ଜଣ ଦିବ୍ୟାଙ୍ଗ ବିଭିନ୍ନ ସରକାରୀ ସୁବିଧା ପାଇବାକୁ ଆବେଦନ କରିଛନ୍ତି। ସେଥିମଧ୍ୟରେ ଭତ୍ତା ପାଇଁ ୨୯ ଜଣ, ରାଶନ କାର୍ଡ ପାଇଁ ୭ ଜଣ, ବସ୍, ଟ୍ରେନ୍‌ରେ ଭଡା ଛାଡ ପାଇଁ ୯୫ ଜଣ, ଋଣ ପାଇଁ ୧୮ ଜଣ, ଦିବ୍ୟାଙ୍ଗ ପ୍ରମାଣ ପତ୍ର ପାଇଁ ୬୮ ଜଣ, ଆୟ ପ୍ରମାଣପତ୍ର ପାଇଁ ୭ ଜଣ ଏବଂ ବାଣିଶ୍ରୀ ମେଧାବୃତ୍ତି ପାଇଁ ୩ ଜଣ ଆବେଦନ କରିଛନ୍ତି। ବିଡିଓ ଶଶିଭୂଷଣ ମହାପାତ୍ର ଶିବିର ଉଦଘାଟନ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ, ଏବିଡିଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦିବ୍ୟାଙ୍ଗମାନଙ୍କୁ ଟ୍ରାଇ ସାଇକେଲ ବଣ୍ଟାଯାଇଥିଲା।

## ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଛତ୍ରପୁର, ୨୪ା୧ (ଦିଲୀପ ସାମଲ): ଛତ୍ରପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର 'ନୂଆ -ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମର ଉଦ୍‌ଯାପନ ସମାରୋହ ଅନୁଷ୍ଠାନର ଅଧ୍ୟକ୍ଷା ଶ୍ରୀମତୀ ସସ୍ମିତା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ସଭାରେ ଉଚ୍ଚ ମାଧ୍ୟମିକ ପରିଷଦର ଡେପୁଟି ସେକ୍ରେଟାରୀ ଡ. କୁଳମଣି ଓଝା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପିକା ପ୍ରମିତା ଚୌଧୁରୀ ବିବରଣୀ ପାଠ କରିଥିଲେ। ବିଭିନ୍ନ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାଗୁଡ଼ିକର କୃତୀ ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ। ଅଧ୍ୟାପିକା କ୍ରିଷ୍ଣା ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ଗଞ୍ଜାମ ପୋଲିସରେ ସର୍ବାଧିକ ମାମଲା

- ସିସିଟିଏନ୍‌ଏସ୍‌ରେ ପ୍ରଥମ
- ଦାଖଲ ହୋଇଛି ୯୫ ପ୍ରତିଶତ କେଶ ରେକର୍ଡ

ଛତ୍ରପୁର,୨୪ା୧(ସନ୍ତୋଷ ପାଢୀ): ୨୦୨୩ରେ ରାଜ୍ୟରେ ସର୍ବାଧିକ ଗଞ୍ଜାମ ପୋଲିସ ଜିଲାରେ ଏତଲା ଗ୍ରହଣ କରି ମାମଲା ରୁଜୁ କରାଯାଇଛି । ଏହି ପୋଲିସ ଜିଲା ଅଧୀନରେ ୨୫ଟି ଥାନା ରହିଛି। ଥାନାକୁ ବିଭିନ୍ନ ଅଭିଯୋଗ ନେଇ ଆସୁଥିବା ଲୋକଙ୍କ ଏତଲା ପୋଲିସ ଗ୍ରହଣ କରି ମାମଲା ରୁଜୁ କରି ରେକର୍ଡ ସୃଷ୍ଟି କରିଛି । ୨୦୨୨ ବର୍ଷ ତୁଳନାରେ ୨୦୨୩ ବର୍ଷରେ ଏତଲା ଗ୍ରହଣ କରି ମାମଲା ରୁଜୁ କରିବାରେ ୩୦ ପ୍ରତିଶତ ବୃଦ୍ଧି ହୋଇଥିବା ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଏଥିସହ ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପକ୍ଷରୁ ବିଭିନ୍ନ ମାମଲା ର ତଦନ୍ତ କରାଯାଇ ୯୫ ପ୍ରତିଶତ ମାମଲାର ତଦନ୍ତ ସରିଛି । ଏହାର କେଶ ରେକର୍ଡ କୋର୍ଟରେ ଦାଖଲ ହୋଇଛି । ରାଜ୍ୟରେ ଏହା ସର୍ବାଧିକ ବୋଲି ସୂଚନା ଦିଆଯାଇଛି। ୨୦୨୩ରେ ସିସିଟିଏନଏସ (କ୍ରାଇମ, କ୍ରିମିନାଲ ଟ୍ରାକିଂ ନେଟୱାର୍କ ଓ ସିଷ୍ଟମ) ର ସଫଳ ରୂପାୟନ ପାଇଁ ରାଜ୍ୟରେ ଗଞ୍ଜାମ ପୋଲିସ ଜିଲା ପ୍ରଥମ ହୋଇପାରିଛି।। ମିଳିଥିବା ସୂଚନା ଅନୁସାରେ, ଏହି ପୋଲିସ ଜିଲା ଅଧୀନ ୨୫ଟି ଥାନାରେ ୨୦୨୩ରେ ୧୭ ହଜାର ୪୬୧ଟି ମାମଲା ରୁଜୁ ହୋଇଛି । ଆହୁରି କୁହାଯାଇଛି ଯେ ଏହି ପୋଲିସ ଜିଲାର ବିଭିନ୍ନ ଥାନାରେ ୧୮୫ଟି ମୋବାଇଲ ଚୋରି ସମ୍ବନ୍ଧୀୟ ଅଭିଯୋଗ ହୋଇଥିଲା । ସେଥିରୁ ୨୨୫ଟି ଚୋରି ମୋବାଇଲକୁ ପୋଲିସ ଜବତ କରିବାରେ ସକ୍ଷମ ହୋଇଛି। ପରେ ଚୋରି ଯାଇଥିବା ମୋବାଇଲଗୁଡ଼ିକୁ ଉଚିତ୍ ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଦୁର୍ଘଟଣା ଓ ଏଥିରେ ମୃତ୍ୟୁ ସଂଖ୍ୟା କମାଇବା ପାଇଁ ଗଞ୍ଜାମ ପୋଲିସ ଜିଲାରେ ୨୦୨୩ରେ ସ୍ୱତନ୍ତ୍ର ଅଭିଯାନ ଚାଲିଥିଲା। ଉକ୍ତ ବର୍ଷ ମଦ୍ୟ ପାନ କରି ଗାଡି ଚଳାଇବା ନେଇ ୪୬୮୪ ଜଣଙ୍କୁ ପୋଲିସ ଧରିଥିବା ବେଳେ ସେମାନଙ୍କ ଗାଡି ଜବତ ସହ ପ୍ରତ୍ୟେକଙ୍କ ଠାରୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦାୟ ହୋଇଥିଲା । ବିଭିନ୍ନ ମାମଲାରେ ଜଡିତ ହୋଇ ଫେରାର ଥିବା ୧୭ ଜଣଙ୍କୁ ପୋଲିସ ଗିରଫ କରିପାରିଛି । ଚୋରା ମଦ କାରବାରରେ ସମ୍ପୃକ୍ତଙ୍କୁ ଗିରଫ ସହ ଏଥିସହ ଏଥିରେ ବ୍ୟବହୃତ ୯୨ ଗାଡି ଜବତ ହୋଇଛି।

# ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ



ଛତ୍ରପୁର, ୨୪ା୧ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ): ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଓ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲା ପରିଷଦ ଭବନର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଏଥିରେ ଆସିକା ଏମପି ପ୍ରମିଳା ବିଷୋୟୀ, ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ଗଞ୍ଜାମ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରା, ଅତିରିକ୍ତ ଜିଲାପାଳ (ସାଧାରଣ) ଲିନା କୁମାରୀ ଖେସ, ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ମୁକୁଳ ଚନ୍ଦ୍ର ବେହେରା, ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ସଞ୍ଜୀବ କୁମାର ଦାସଶର୍ମା, ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଜଗନ୍ନାଥ ପାଣି, ଜଳ ସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ତଥା ନୋଡାଲ ଅଫିସର ଜୟଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କ ଉନ୍ନତି ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ। କେନାଲ ପରିଚାଳନା ଓ ରକ୍ଷଣା ବେକ୍ଷଣ, କୃଷି କ୍ଷେତ୍ରରେ ଜଳ ସଞ୍ଚୟ ପଦ୍ଧତି, ପାର୍ବତୀଗିରି ବୃହତ ଉଠା ଜଳସେଚନ ଯୋଜନା, ସେଚାଞ୍ଚଳ ଉନ୍ନୟନ ଓ ଜଳ ପରିଚାଳନା କାର୍ଯ୍ୟକ୍ରମ, ଅନ୍ତଃସ୍ରୋତ ଜଳ ସଂରକ୍ଷଣ ପ୍ରକଳ୍ପ, ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା, ନଦୀବନ୍ଧ ସୁଦୃଢ଼ୀକରଣ ଓ ବନ୍ୟା ନିୟନ୍ତ୍ରଣ, ଲୁଣା ଘେରିବନ୍ଧ ନିର୍ମାଣ ଓ ରକ୍ଷଣା ବେକ୍ଷଣ, ବୃହତ ମଧ୍ୟମ ଓ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ପରିଚାଳନା ଓ ରକ୍ଷଣା ବେକ୍ଷଣ ଉପରେ ଆଲୋଚନା କରାଯାଇଥିଲା ।

## ମଛାକୋଟ ପଞ୍ଚାୟତସ୍ତରୀୟ ସଚେତନତା

ଧରାକୋଟ,୨୪ା୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ):ଧରାକୋଟ ବ୍ଲକ ମଛାକୋଟ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଛି। କାର୍ଯ୍ୟକ୍ରମରେ ବିଡ଼ିଓ ଡେନିସ ବେହେରା ସଭାପତିତ୍ୱ କରିଥିବା ବେଳେ ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀ ଉପସ୍ଥିତ ରହିଥିଲେ। ଗ୍ରାମାଞ୍ଚଳର ଲୋକେ ସରକାରଙ୍କ ଯୋଜନାର ସୁବିଧା ନେବା ପାଇଁ କୁହାଯାଇଥିଲା। ଧରାକୋଟ ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ମଛାକୋଟ ପଞ୍ଚାୟତର ସମସ୍ତ ଜନସାଧାରଣ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ପୃଷ୍ଟିଙ୍କ ସମେତ ଅମେଶ ବେହେରା ଓ ସତ୍ୟ ପ୍ରଧାନ ସହଯୋଗ କରିଥିଲେ।

# ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଅବ୍ୟାହତ



ଆନ୍ଦୋଳନରତ ପ୍ରାଣୀ ଚିକିତ୍ସକ।

**ବୁଗୁଡ଼ା,୨୪ା୧(କାଳିଚରଣ ଦାଶ)**

ବିଭିନ୍ନ ଦାବି ନେଇ ପ୍ରାଣୀ ଚିକିତ୍ସକମାନଙ୍କ ଆନ୍ଦୋଳନ ବୁଧବାର ୭ଦିନରେ ପହଞ୍ଚିଛି। ଏଥିଯୋଗୁ ସହରାଞ୍ଚଳ ସାଙ୍ଗକୁ ଗ୍ରାମାଞ୍ଚଳର ଗୃହପାଳିତ ପ୍ରାଣୀମାନଙ୍କର ଚିକିତ୍ସା ବାଧାପ୍ରାପ୍ତ ହୋଇଛି। ବୁଗୁଡ଼ା ଅଞ୍ଚଳରେ ମଧ୍ୟ ପ୍ରାଣୀ ଚିକିତ୍ସା ବାଧାପ୍ରାପ୍ତ ହୋଇଛି। ପ୍ରାଣୀ ଚିକିତ୍ସା ସେବା ସଂଘର ଆହ୍ୱାନକ୍ରମେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବା ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟର ବିଡିଓ ଶୁଭ୍ରାଂଶୁ ଶେଖର ରାଉତ ପ୍ରକାଶ କରିବା ସହ ଆବଶ୍ୟକସ୍ଥଳେ ୧୪୫୪୫ ନମ୍ବରରେ କଲ କରିବାକୁ ଅନୁରୋଧ କରିଛନ୍ତି। ବିଡିଓଙ୍କ ସମେତ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଅନୁପସ୍ଥିତ ଥିବାରୁ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି। ସେହିପରି ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଅନୁପସ୍ଥିତି ହେତୁ ବୁଗୁଡ଼ା ବ୍ଲକରେ ଦିଆଯାଇଥିବା ବିଭିନ୍ନ ଜୀବନ ଜୀବିକା ଭିତ୍ତିକ ଯୋଜନାର କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଛି। ରାଜ୍ୟ ସରକାର ଜାରି କରିଥିବା ମୋ ସରକାର କିଷାନ କଲ ସେଣ୍ଟର ଏବଂ ପ୍ରାଣୀ ସହାୟତା ନମ୍ବର ଆଦିରେ କୌଣସିଠାରୁ ଚାଷୀମାନଙ୍କୁ ସହାୟତା ମିଳୁନାହିଁ। ତେଣୁ ସମସ୍ୟାର ସମାଧାନ ପୂର୍ବକ ନିରୀହ ପ୍ରାଣୀମାନଙ୍କ ଦୁର୍ଦ୍ଦଶା ଦୂର କରିବାକୁ ଜନସାଧାରଣରେ ଦାବି ହେଉଛି।

# ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



ଜଣେ ଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଭଞ୍ଜନଗର,୨୪ା୧(ବାବୁଲା ପ୍ରଧାନ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ୫ଦିନ ବ୍ୟାପୀ ଚାଲିଥିବା 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ବୁଧବାର ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷା ଆରତିବାଳା ପ୍ରଧାନ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ କୃତିବାସ ବିଶ୍ୱାଳ ମୁଖ୍ୟ ଅତିଥି ଏବଂ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡଃ ସୁବାସ ଚନ୍ଦ୍ର ପ୍ରଧାନ,ପ୍ରାଧ୍ୟାପକ ବିଭାସ ଦାସ, ହରପ୍ରସାଦ ସତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ରାଜଲକ୍ଷ୍ମୀ ରଥ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧ୍ୟାପକ ସନାତନ ବେହେରା, ଦିଗନ୍ତ ଜେନା, ଅଧ୍ୟାପିକା ରୋଜାଲିନ ମହାରଣା, କଳ୍ପନା, ଦୀପାଶ୍ରୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା



କବିସୂର୍ଯ୍ୟନଗର, ୨୪ା୧ (କୃପାସିନ୍ଧୁ ସ୍ୱାଇଁ): ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ଜରଡ଼ ଗ୍ରାମରେ ଅନୁଷ୍ଠିତ ଆମ ଓଡିଶା ନବୀନ ଓଡିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିରକୁ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗଦେଇ ଉଦଘାଟନ କରିଥିଲେ। ଏ ଶିବିରରେ ୬ନଂ ଜୋନ ଜିଲା ପରିଷଦ ସଂଗୀତା ସ୍ୱାଇଁ, ଆସିକା ଏମପି ପ୍ରତିନିଧି ତଥା ପାଇକଯମୁନା ସରପଞ୍ଚ ସତ୍ୟବାନ ସାହୁ, ଜରଡ଼ ସରପଞ୍ଚ ପଦ୍ମଚରଣ ନାହାକ, ଜରଡ଼ ସମିତି ସଭ୍ୟ ରାଜେଶ କୁମାର ତ୍ରିପାଠୀ, ଆଠଗଡ ସରପଞ୍ଚ ପ୍ରତିନିଧି ଆଦିତ୍ୟ କୁମାର ତ୍ରିପାଠୀ, ବଡ଼ମହୁରୀ ସମିତି ସଭ୍ୟ ବ୍ରଜେନ୍ଦ୍ର ପ୍ରଧାନ, ବାଉଁସିଆ ସରପଞ୍ଚ ପ୍ରତିନିଧି ଗୌତମ ଦାସ, ଗଙ୍ଗାପୁର ସରପଞ୍ଚ ପ୍ରତିନିଧି କିରଣ ସେଠି, ଖଜାପଲ୍ଲୀ ସରପଞ୍ଚ ପ୍ରତିନିଧି ହୃଦାନନ୍ଦ ପ୍ରଧାନ, ଶିଆଳିଆ ସରପଞ୍ଚ ପ୍ରତିନିଧି ଭଗବାନ ରାଉତ, ସୁନାପଲ୍ଲୀ ସରପଞ୍ଚ ପ୍ରତିନିଧି ରାଜେଶ ଦାସ ପ୍ରମୁଖ ଜନପ୍ରତିନିଧି ଯୋଗ ଦେଇଥିଲେ। ଏବିଡ଼ିଓ ନାରାୟଣ ବେହେରା, ଏବିଇଓ ରବି ନାରାୟଣ ବେହେରା, ବିଏସ୍‌ଏସ୍‌ଓ ରାମଚନ୍ଦ୍ର ଜେନା, ବିପିଏମ ରାଜ କୁମାର ସାହୁ, ସିପି ବିଶ୍ୱନାଥ ଦାସ, ପିଓ ରାଜେଶ୍ୱରୀ ହାତୀ, ମୁଖ୍ୟ କିରାଣୀ ଜୟରାମ ସାହୁ, ଜିପିଇଓ ପ୍ରଭଞ୍ଜନ ପରିଡ଼ା, ସିଆରସିସି କିରଣ କୁମାର ଦାସ, ଅଙ୍ଗନବାଡି ସୁପରଭାଇଜର ମଞ୍ଜୁଶ୍ରୀ ବେହେରା ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଦିବାକର ଶତପଥୀ ସଂଯୋଜନା କରିଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବୁଗୁଡା,୨୪ା୧(କାଳିଚରଣ ଦାଶ)

ବୁଗୁଡ଼ା ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ୬୧ତମ ବାର୍ଷିକ କ୍ରୀଡା ଉତ୍ସବ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଏବିଇଓ ତପସ୍ୱିନୀ ସାହୁ ଓ ସିଆରସିସି କିରଣ ବାଳା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ବଳଦେବ ମନ୍ଦିରରୁ କ୍ରୀଡା ଜ୍ୟୋତି ଆସି ଉତ୍ସବ ସ୍ଥଳରେ ପହଞ୍ଚିବା ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ ଓ ସାମୁହିକ ଶପଥ ପାଠ କରାଯାଇଥିଲା। ପରେ ଦୌଡ଼, ଲଙ୍ଗଜମ୍ପ, ସଟପୁଟ୍ ଥ୍ରୋ, ଡିସକସ୍ ଥ୍ରୋ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀ ଚୟନ କରାଯାଇଥିଲା। କ୍ରୀଡା ଶିକ୍ଷକ ଅମୀୟ ରଞ୍ଜନ ଭୂୟାଁ ଓ ବିଶ୍ୱେଶ୍ୱର ଗିରି ପ୍ରତିଯୋଗିତାଗୁଡ଼ିକୁ ପରିଚାଳନା କରିଥିଲେ।

# ହିଲ୍‌ଟପ୍ ସ୍ନାତକ କଲେଜରେ ଆଲୋଚନାଚକ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

**ମୋହନା,୨୪ା୧(ମନ୍ମଥ ମିଶ୍ର)** ମୋହନା ହିଲଟପ ସ୍ନାତକ ମହାବିଦ୍ୟାଳୟରେ 'ଓଡ଼ିଶାରେ ଜଗନ୍ନାଥ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ବ୍ରହ୍ମପୁରର ନିର୍ଦ୍ଦେଶକ ଡକ୍ଟର ସିଦ୍ଧାର୍ଥ ଶଙ୍କର ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯକ୍ରମକୁ ଉଦଘାଟନ କରିବାସହ ଜଗନ୍ନାଥ ସଂସ୍କୃତି ଆମକୁ ନୀତି, ନିଷ୍ଠା ଓ କର୍ତ୍ତବ୍ୟ ପରାୟଣ ହେବାପାଇଁ ଶିକ୍ଷା ଦେଇଛି ବୋଲି କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଶୁଭ୍ରାକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଭଞ୍ଜ ଗବେଷକ ଡକ୍ଟର ସୁରେଶ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାଗବତର ସରଳବ୍ୟାଖ୍ୟା କରିବା ସହ ମଣିଷ ସମାଜପ୍ରତି ଏହି ଗ୍ରନ୍ଥର ଆବଶ୍ୟକତା ଥିବା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବାବା ପ୍ରମୋଦ ସ୍ୱାମୀ ଯୋଗଦେଇଥିଲେ। ଡକ୍ଟର ପ୍ରଣାବାନନ୍ଦ ପାଣ୍ଟୁଶୀ ସ୍ୱାଗତ ଅଭିଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ପରିଚାଳନା କରିଥିଲେ। ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରାକ୍ରମ ଦିବସ

ଫୁଲବାଣୀ, ୨୪ା୧(ରାକେଶ କୁମାର ରାଉତ)

ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରେ ପରାକ୍ରମ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୁବାସ ଚନ୍ଦ୍ର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଡକ୍ଟର ଅହଲ୍ୟା ଶିଆଳ ସଭାରେ ସଭାପତିତ୍ୱ କରି ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ପ୍ରଭାକର ତ୍ରିପାଠୀ ଅତିରିକ୍ତ ଶିକ୍ଷ୍ୟା ଅଧିକାରୀ ବାଲିଗୁଡ଼ା ଯୋଗଦାନ କରି ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଓ ବଳିଦାନ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର ଦୁଇ ବୀରଙ୍କ ତ୍ୟାଗ ଉପରେ ଆଲୋଚନ କରିଥଲେ। ଶେଷରେ ଅଧ୍ୟାପକ ଦୁଷ୍ମନ୍ତ ମାଝୀ ଛାତ୍ରୀଛାତ୍ରମାନଙ୍କୁ ଦେଶ ସାଧୀନତା ପାଇଁ ଦୁଇ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଉପରେ ଆଲୋକପାତ କରିଥଲେ। ଆକାଶ ଧଳ, ଶୁଭ ସାର୍ଥକ, ରାଜେନ୍ଦ୍ର, ଜ୍ୟୋତି ପାଣିଗ୍ରାହୀ, ବାପି ରଞ୍ଜନ ସୁନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନୂଆ-ଓ ଓଡ଼ିଆ ସାହିତ୍ୟ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ

ଦାରିଙ୍ଗବାଡ଼ି /ବ୍ରାହ୍ମଣୀଗାଁ, ୨୪ା୧ (ଅରୁଣ ସାହୁ /ମନୋରଞ୍ଜନ ରଣା)

ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ଅଞ୍ଚଳ ବ୍ରାହ୍ମଣୀଗାଁ ଋଷିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବୁଧବାର ନୂଆ-ଓ ଓଡ଼ିଆ ସାହିତ୍ୟ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦେବରାଜ ବଳିୟାରସିଂଙ୍କ ଅଧ୍ୟକ୍ଷତା ଓ ଇତିହାସ ବିଭାଗ ଅଧ୍ୟାପକ ରାଜକିଶୋର ବଳିୟାରସିଂ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଓଡ଼ିଶା ବିଧାନସଭା ଉପ–ବାଚସ୍ପତି ସାଲୁଗା ପ୍ରଧାନ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ମହାମାୟୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଆଞ୍ଚଳିକ ଅଧ୍ୟକ୍ଷ ଡ. ସୁଶାନ୍ତ କୁମାର ଦାସ, ଦାରିଙ୍ଗବାଡ଼ି ବିଡିଓ ଗଦାଧର ପାତ୍ର, ତହସିଲଦାର ଶରତ ଶବର, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବ୍ରାହ୍ମଣୀଗାଁ ସରପଞ୍ଚ ସଂଯୁକ୍ତା ମଲିକ, ସ୍ୱତନ୍ତ୍ର ଅତିଥିଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପ୍ରାକ୍ତନ ସଭାପତି ରାମଚନ୍ଦ୍ର ପାତ୍ର ଏବଂ ଏବେକାର ସଭାପତି ଅଜୟ କୁମାର ରଣସିଂ ମଞ୍ଚାସୀନ ଥିଲେ। ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଭାସ୍କର ଚରଣ ନାୟକ ଅତିଥିମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କାର୍ଯ୍ୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା, ସଂସ୍କୃତି, ସମାଜସେବା ଓ ଓଡ଼ିଆ ଭାଷା ସାହିତ୍ୟର ସୃଜନ ଲିଖନୀ ଆଦି ସମ୍ପର୍କରେ ଗତ ନଭେମ୍ବର ୧୫ରୁ ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦେବରାଜ ବଳିୟାରସିଂ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।



କୃତୀ ଛାତ୍ରୀଙ୍କୁ ମାନପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଉଛି।

# ବିକେଏମ୍‌ୟୁ, ସିପିଆଇର ବିକ୍ଷୋଭ

ପାରଳାଖେମୁଣ୍ଡି,୨୪ା୧ (ଗିରିଧାରୀ ପରିଛା):

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଭାରତୀୟ କ୍ଷେତ ମଜଦୁର ୟୁନିୟନ ଏବଂ ସିପିଆଇ ପକ୍ଷରୁ ଘର ଡିହ ନବାଣ୍ଟିବାକୁ ନେଇ ବିକ୍ଷୋଭ କରାଯାଇଛି। ରାଜ୍ୟ ବିକେଏମୟୁର ସଭାପତି ସୁବାସ ଚନ୍ଦ୍ର ରାଓଙ୍କ ନେତୃତ୍ୱରେ ଘରଡିହ, ପକ୍କା ଘର ନଥିବା ଲିଜ ନିମନ୍ତେ ଆବେଦନକାରୀମାନେ ଏକତ୍ରିତ ହୋଇ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାରେ ବହୁ ଆଦିବାସୀ, ହରିଜନ ଓ ଅନ୍ୟାନ୍ୟ ସଂପ୍ରଦାୟ ତଥା ଜାତିର ଘରହୀନ ଲୋକମାନେ ବସବାସ କରୁଛନ୍ତି । ବିଶେଷ କରି ଯେଉଁମାନେ ତିତିଲି ମହାବାତ୍ୟାରେ ଘରଡିହ ହରାଇଛନ୍ତି ଏବଂ ଯେଉଁମାନେ ଟିଣ ଛପର ଘରେ ବସବାସ କରୁଛନ୍ତି ସେମାନେ ଘରଡିହ, ପକ୍କା ଘର ସକାଶେ ଜିଲାପାଳଙ୍କୁ ହଜାର ହଜାର ଲିଜ ଫର୍ମ ଦେଇ ଆବେଦନ କରିଛନ୍ତି। ହେଲେ ଏନେଇ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟ ପ୍ରଶାସନ ତରଫରୁ ନ କରିବା ଯୋଗୁଁ ବାରମ୍ବାର ଆମ୍ଭେ ଦାବି ଓ ବିକ୍ଷୋଭ ପ୍ରଦର୍ଶନ କରିଆସୁଛୁ। ଏଣିକି ଆଉ କୌଣସି ବିକ୍ଷୋଭ ନ କରି ଆଗାମୀ ଦିନରେ ଜାଗାଗୁଡିକୁ ଦଖଲ କରିବୁ ବୋଲି କୁହାଯାଇଛି। ଏନେଇ ବିକେଏମୟୁର ରାଜ୍ୟ ସଭାପତି ରାଓ କହିଛନ୍ତି ଯେ, ଆମ୍ଭେ ଜାଗା ଚିହ୍ନଟ କରି ପ୍ରଶାସନ ନିକଟରେ ଆବେଦନ କରିଛୁ । ମୁଖ୍ୟମନ୍ତ୍ରୀ ଘରଡିହ ପଟ୍ଟା ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ଗଜପତିରେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି କହିଛନ୍ତି । ଏଥିନେଇ ଏକ ସ୍ମାରକପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଆଲୋକ କୁମାର ପ୍ରଧାନଙ୍କୁ ପ୍ରଦାନ କରାଯାଇଛି ।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ

### ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୨୪।୧(ସୁବାସ ଚନ୍ଦ୍ର ପାଢ଼ୀ)

ଟାଉନ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିବା ନେଇ ଏକ ମାମଲା ହୋଇଥିଲା। ଫାଷ୍ଟଟ୍ରାକ ପୋକସୋ ଜଜ ଗଣେଶ୍ୱର ପତି ବୁଧବାର ଏହାର ଶୁଣାଣି କରିଛନ୍ତି। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତ ବଡବଜାର ଥାନା ଅନ୍ତର୍ଗତ ଧାନମେରା ସାହିର ଭିକି ନନ୍ଦ (୪୨)ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୨୦୧୯ ଜୁନ ୬ ତାରିଖରେ ନାବାଳିକା ଜଣଙ୍କ ଅପହରଣ ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରିଥିଲା। ଅପହରଣର ସପ୍ତାହକ ପରେ ନାବାଳିକାଙ୍କୁ ଭୁବନେଶ୍ୱରରୁ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ ସେଠାରୁ କାବୁ କରିଥିଲା। ନାବାଳିକାଙ୍କ ବୟାନ ଅନୁସାରେ ୧୨୮/୧୯ରେ ଅପହରଣ ଓ ବଳାତ୍କାର ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଭିକିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ପୀଡ଼ିତା ସମେତ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ମିଳିନଥିବାରୁ ଅଭିଯୁକ୍ତଙ୍କୁ ଜଜ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

### ନୂଆ-ଓ କାର୍ଯ୍ୟକ୍ରମରେ ଖାଦ୍ୟ ଖାଇ ୨୦ ଅସୁସ୍ଥ

ପାରଳାଖେମୁଣ୍ଡି, ୨୪।୧(ଗିରିଧାରୀ ପରିଚ୍ଛା): ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମାରେ ଥିବା ସରକାରୀ ଶିଳ୍ପ ଓ ତାଲିମ କେନ୍ଦ୍ରର ପ୍ରାୟ ୨୦ଜଣ ଛାତ୍ରୀଛାତ୍ରଙ୍କ ସମେତ ୨ ଜଣ ଶିକ୍ଷକ ଝାଡ଼ାରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ୯ ଜଣ ଛାତ୍ରୀଛାତ୍ର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଫେରିଛନ୍ତି। ଉକ୍ତ ଅନୁଷ୍ଠାନରେ ମେଡିକାଲ ଟିମ ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା କରି ଚିକିତ୍ସା କରିଥିବା ଜଣାପଡିଛି। ପ୍ରକାଶ ଯେ, ମଙ୍ଗଳବାର ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମଠାରେ ନୂଆ-ଓ କାର୍ଯ୍ୟକ୍ରମରେ ୫-ଟି ଅଧକ୍ଷ ଭି. କେ ପାଣ୍ଡିଆନ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଏହି ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ସରିବା ପରେ ସେଠାରେ ଖାଦ୍ୟ ଖାଇ ଫେରିଆସିବା ପରେ ରାତିଠାରୁ ଝାଡ଼ା ହୋଇଥିଲା ଏବଂ ୧୫ ଛାତ୍ରୀ ଓ ୫ ଛାତ୍ରଙ୍କ ସମେତ ଦୁଇଜଣ ଶିକ୍ଷକଙ୍କ ପେଟ ବ୍ୟଥା ହୋଇ ଝାଡ଼ା ହୋଇଥିବା ଜଣାପଡିଛି । ସେଥିରୁ ୯ ଜଣ ବୁଧବାର ସକାଳେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ଖବର ପାଇ ରାୟଗଡ ମେଡିକାଲ ଟିମ ଉକ୍ତ ଅନୁଷ୍ଠାନରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଚିକିତ୍ସା କରିଥିବା ଜଣାପଡିଛି।

### କୂଅରୁ ଗୋରୁ ଉଦ୍ଧାର

ଖଜୁରିପଡ଼ା,୨୪।୧(ବିଦୁର ବେହେରା)- ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ନିକଟସ୍ଥ କଣ୍ଡିଆ ନାଳଠାରେ ଥିବା ଏକ ପରିତ୍ୟକ୍ତ କୂଅଁରେ ଗୋରୁ ଚରିବା ସମୟରେ ଖସି ପଡ଼ିଥିଲା। ଏହା ଦେଖି ଅଞ୍ଚଳବାସି ଅଗ୍ନିଶମ ବାହିନୀକୁ ଖବର ଦେବାରୁ ଅପରାହ୍ନରେ ଅଗ୍ନିଶମ ବାହିନୀ ପହଞ୍ଚି କୂଅଁରୁ ଗୋରୁ ଉଦ୍ଧାର କରିଛି।

# ସମବାୟ ଶିକ୍ଷାର ପ୍ରସାର ପାଇଁ ନିଷ୍ପତ୍ତି

## ଜିଲା ସମବାୟ ସଂଘ ପରିଚାଳନା ବୋର୍ଡ ବୈଠକ

ବ୍ରହ୍ମପୁର,୨୪।୧(ନରସିଂହ ସାହୁ)

ଗଞ୍ଜାମ ଓ ଗଜପତିକୁ ନେଇ ଗଠିତ ଜିଲା ସମବାୟ ସଂଘର ପରିଚାଳନା ବୋର୍ଡ ବୈଠକ ବୁଧବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ହିଲପାଟଣାସ୍ଥ ସରକାରୀ ସମବାୟ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଦୁଇ ଜିଲାରେ ସମବାୟ ଆନ୍ଦୋଳକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ସମବାୟ ଶିକ୍ଷାର ପ୍ରସାର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସଭାପତି କୈଳାସ ରଣାଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ସଂଘର ନାମ ପରିବର୍ତ୍ତନ କରାଯାଇ ବୃହତ୍ତର ଗଞ୍ଜାମ ଓ ଗଜପତି ସଂଘ ନାମରେ ନାମିତ ନିମନ୍ତେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି।

ସମବାୟ ସଂଘର ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ସରକାରୀ ଜମି ମିଳିଛି ଏବଂ ବିଲଡିଂ ଲାଗି ବ୍ରହ୍ମପୁର ଏମ୍‌ପି ତାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଅର୍ଥ



ବୈଠକରେ ଉପସ୍ଥିତ ସମବାୟ ସଂଘ ସଭାପତି, ନିର୍ଦ୍ଦେଶକ ଓ ଅନ୍ୟମାନେ ।

ମଞ୍ଜୁର କରିଥିବାରୁ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଥିଲା। ପରେ ଆର୍ଥିକ ସ୍ଥିତି ନେଇ ଆଲୋଚନା କରାଯାଇଥିଲା। ଅଫିସ ଗୃହ ନିର୍ମାଣ ନିମନ୍ତେ ଗଞ୍ଜାମ ଜିଲାର ବଦାନ୍ୟ ତଥା ସମବାୟପ୍ରେମୀ ସହଯୋଗ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦୁଇ ଜିଲାର ସମସ୍ତ ସମବାୟ ବ୍ୟାଙ୍କ, ସମବାୟ ସେବା ସମବାୟ ସମିତି ଏବଂ ସମବାୟ ଅନୁଷ୍ଠାନ ଆର୍ଥିକ ଅନୁଦାନ ଦେବା ପାଇଁ ଅନୁରୋଧ କରାଯାଇଛି। ବୈଠକରେ ନିର୍ବାଚିତ ନିର୍ଦ୍ଦେଶକ ଅଜୟ ମହାରଣା, ସୂର୍ଯ୍ୟକାନ୍ତ ପରିଡ଼ା, ସଚ୍ଚିଦାନନ୍ଦ ରାଉତ, ବୃନ୍ଦାବନ ଖଟେଇ, କାଲୁ ଚରଣ ପ୍ରଧାନ, ସୀମାଞ୍ଚଳ ପାଢ଼ୀ ଓ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ସଭାପତି ରଣା କହିଥିଲେ ସମବାୟ ମାଧ୍ୟମରେ କୃଷିର ବିକାଶ ଏବଂ କୃଷକଙ୍କ ଅର୍ଥନୈତିକ ସ୍ଥିତି ସୁଦୃଢ଼ ନିମନ୍ତେ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ବିଭିନ୍ନ ଯୋଜନାରେ ଆର୍ଥିକ ଅନୁଦାନ ମଞ୍ଜୁର କରୁଛନ୍ତି। ଏହାର ସଫଳ ରୂପାୟନ ପାଇଁ ସମବାୟ ସଂଘକୁ ନିର୍ବାଚିତ ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକମାନେ ନିଃସ୍ୱାର୍ଥପର ଭାବେ ପ୍ରୟାସ କରିବାକୁ ସଭାପତି ଆହ୍ୱାନ ଦେଇଥିଲେ। ସମବାୟ ବିଭାଗର ପଦାଧିକାରୀ ତଥା ବ୍ରହ୍ମପୁର ଡିଭିଜନ ଉପନିବନ୍ଧକ ବିଶ୍ୱରଂଜନ ଦାସଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ସମବାୟ ସଂଘ ସମ୍ପାଦକ ଡ଼ି. କ୍ରିଷ୍ଣାନନ୍ଦ ଏଜେଣ୍ଡା ଉପସ୍ଥାପନ ସହ ଧନ୍ୟବାଦ ଅର୍ପଣ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ଅନିଲ



@ ଅନ୍ତର୍ଯ୍ୟାମୀ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନର୍ସିଂ କଲେଜରେ ରାଜ୍ୟସ୍ତରୀୟ କର୍ମଶାଳା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

**ବ୍ରହ୍ମପୁର,୨୪।୧(ସୁବାସ ଚନ୍ଦ୍ର ପାଢ଼ୀ)**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସପିଟାଲ ପରିସରରେ ଥିବା କଲେଜ ଅଫ ନର୍ସିଂ ଠାରେ ବୁଧବାର ୨ଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଉଦଘାଟିତ ହୋଇଯାଇଛି। ‘ରୋଗୀ ସେବାରେ ନର୍ସ ସତର୍କ’ ଶୀର୍ଷକ କର୍ମଶାଳାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରୋଗୀ ସେବାରେ ନର୍ସିଂ ଅଫିସରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ଏଥିରେ ନର୍ସିଂ ନିର୍ଦ୍ଦେଶକ ଡା. ରାମଚନ୍ଦ୍ର ରାଉତ, ଏମକେସିଜି ମେଡିକାଲର ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ରା ଦାସ, ଭାରପ୍ରାପ୍ତ ଉପ ନର୍ସିଂ ନିର୍ଦ୍ଦେଶକ ବାସନ୍ତି ବେହେରା ଅତିଥିଭାବେ ଉପସ୍ଥିତ ରହି ଶୀର୍ଷକ ଉପରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଡିଏମଇଟି ଡା. ସଚିଦାନନ୍ଦ ମହାନ୍ତି ଓ ଅତିରିକ୍ତ ନର୍ସିଂ ନିର୍ଦ୍ଦେଶକ ଡା. ସେଫାଳି ମଲ୍ଲିକ ଆଭାସୀ(ଭର୍ଚୁଆଲ)ରେ ଯୋଗ ଦେଇ ନିଜ ବକ୍ତବ୍ୟ ରଖିଥିଲେ। କଲେଜ ଅଫ ନର୍ସିଂର ଅଧକ୍ଷା ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ସହଯୋଗରେ ଅନୁଷ୍ଠିତ କର୍ମଶାଳାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦେଖାଯାଉଥିବା ଅନିୟମିତତାଗୁଡ଼ିକ ନେଇ ସେବିକାମାନେ କିପରି ଦକ୍ଷତାର ସହ କାର୍ଯ୍ୟ କରିବେ ସେ ବିଷୟରେ ଆଲୋଚନା ହୋଇଥିଲା। କଲେଜର ସାଂଗଠନିକ ସମ୍ପାଦିକା ସ୍ମିତା ସାହୁ ପରିଚାଳନା କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ମେଧାବୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ କଲେଜ ଅଫ ନର୍ସିଂ, ବ୍ରହ୍ମପୁରର ବିଏସସି ନର୍ସିଂ ଛାତ୍ରୀ ଗାୟତ୍ରୀ ରାଣୀ ପଣ୍ଡା, ପିବିବିଏସସି ନର୍ସିଂ ଛାତ୍ରୀ ବର୍ଷା ତପସ୍ୱିନୀ ମଲ୍ଲିକ, ଏମଏସସି ନର୍ସିଂରେ ଛାତ୍ରୀ ମିତା ବହିଦାର, କଲେଜ ଅଫ ନର୍ସିଂ ଭିମାସା ବୁର୍ଲାର ପିବିବିଏସସି ଛାତ୍ରୀ ରୋଜାଲୀନ ରାୟ, ଏମଏସସି ନର୍ସିଂ ଛାତ୍ରୀ ରଶ୍ମିତା ବେହେରା ଓ କଲେଜ ଅଫ ନର୍ସିଂ ଏସସିବି କଟକର ବେସିକ ବିଏସସି ଛାତ୍ର ଯତୀନ ଦାସ ମହାପାତ୍ରଙ୍କୁ ପ୍ରତ୍ୟେକ ୧୦ହଜାର ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ରାଶି ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ହିମାଚଳପ୍ରଦେଶ ଭ୍ରମଣ ପାଇଁ ଆଜିଠୁ ପଞ୍ଜୀକରଣ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆଇଜର ନିର୍ଦ୍ଦେଶକ ଓ ଅନ୍ୟମାନେ।

## ୪ର୍ଥ ଯୁବା ସଙ୍ଗମରେ ବ୍ରହ୍ମପୁର ଆଇଜର

ବ୍ରହ୍ମପୁର,୨୪।୧(ସ୍ମୃତି ରଞ୍ଜନ ମହାଲିକ)

ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ପ୍ରତି ବର୍ଷ ଏକ ଭାରତ ଶ୍ରେଷ୍ଠ ଭାରତ ଅଧୀନରେ ଯୁବା ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଚଳିତବର୍ଷ ୪ର୍ଥ ଯୁବା ସଙ୍ଗମ କାର୍ଯ୍ୟକ୍ରମ ନିମନ୍ତେ ବ୍ରହ୍ମପୁର ଆଇଜରକୁ ନୋଡାଲ ଶିକ୍ଷାନୁଷ୍ଠାନ ଚୟନ କରାଯାଇଛି। ଗୋଟିଏ ରାଜ୍ୟ ଅନ୍ୟ ରାଜ୍ୟର ପ୍ରଗତି, ପରମ୍ପରା ଓ ପ୍ରଦ୍ୟୋଗ ସମ୍ପର୍କରେ ଜାଣିବା ପାଇଁ କାର୍ଯ୍ୟକ୍ରମ ବିଭିନ୍ନ ଅଞ୍ଚଳର ଯୁବ ପିଢ଼ିଙ୍କୁ ସୁଯୋଗ ଦିଆଯିବ। ଏହି କ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦ ଯୁବତୀ ଯୁବକ ହିମାଚଳପ୍ରଦେଶ ପରିଭ୍ରମଣ କରିବେ। ବୁଧବାର ବ୍ରହ୍ମପୁର ଆଇଜର ଟ୍ରାଞ୍ଜିଟ କ୍ୟାମ୍ପସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଜରର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲି ଏହି ସୂଚନା ଦେଇଛନ୍ତି। ଏଥିନିମନ୍ତେ ଆଇଜର ପକ୍ଷରୁ ଏକ କମିଟି ଗଠନ କରାଯିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ପଞ୍ଜୀକରଣ ପୋର୍ଟାଲ ଉପଲବ୍ଧ ରହିବ। ଏହି ପୋର୍ଟାଲରେ ଯୁବପିଢ଼ି ପଞ୍ଜୀକରଣ କରିବେ। ଗୁରୁବାର (୨୫ ତାରିଖ)ଠାରୁ ଫେବୃଆରୀ ୪ ପର୍ଯ୍ୟନ୍ତ ପଞ୍ଜୀକରଣ ପାଇଁ ଧାର୍ଯ୍ୟ କରାଯାଇଛି। ୧୮ରୁ ୩୦ ବର୍ଷର ଯୁବପିଢ଼ି ପଞ୍ଜୀକରଣ କରିବେ। ଏହାପରେ କମିଟି ଚୟନ କରିଥିବା ଯୁବପିଢ଼ି ୭ ଦିନ ପାଇଁ ହିମାଚଳ ପ୍ରଦେଶ ଯିବେ। ଫେବୃଆରୀ ୧୫ରୁ ମାର୍ଚ୍ଚ ୧୫ ମଧ୍ୟରେ ସେମାନେ ଯିବେ। ସେଠାର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଚଳଣି, ଖାଦ୍ୟପେୟ, ଶିଳ୍ପ ସଂପର୍କରେ ଓଡିଶାର ଯୁବପିଢ଼ି ଜାଣିବାର ସୁଯୋଗ ପାଇପାରିବେ। ସମସ୍ତ ଗସ୍ତ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ। ବାୟୋଲୋଜିକାଲ ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ ପ୍ରଭାତ କୁମାର ପରିଡା ଓ ଆସିଷ୍ଟାଣ୍ଟ ପ୍ରଫେସର ବିଶ୍ୱାସ ଚଉନ ପ୍ରମୁଖ ଉପସ୍ଥିତ ଥିଲେ।

### ମାଣ୍ଡିଆ କିଣିବା ପାଇଁ ସଚେତନତା ରଥ ଉଦ୍‌ଘାଟିତ

ଚାନ୍ଦିପୁଟ,୨୪।୧(କେ ପ୍ରମୋଦ କୁମାର ଦୋରା)

ମୋହନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହଳଧର ଶବରଙ୍କ ଦ୍ୱାରା ଚନ୍ଦ୍ରଗିରି ପଞ୍ଚାୟତଠାରେ ମାଣ୍ଡିଆ କିଣିବା ପାଇଁ ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ଏବଂ ପିଆରଆଇ ମେମ୍ବର ଉପସ୍ଥିତ ଥିଲେ। ମୋହନା ନିକଟସ୍ଥ କଣ୍ଟେଇକୋଲି ଠାରେ ଜିଲା ପ୍ରକଳ୍ପ ଅଧିକାରୀଙ୍କ ଦ୍ୱାରା ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଚାଷୀମାନେ ନିଜର ଉତ୍ପାଦିତ ମାଣ୍ଡିଆକୁ ମଣ୍ଡିରେ ସହାୟକ ସର୍ବନିମ୍ନ ମୂଲ୍ୟ ୩୯.୪୬ ଟଙ୍କା ବିକ୍ରି କରିପାରିବେ। ତପ୍ତପାଣି କୃଷକ ଉତ୍ପାଦକ କମ୍ପାନୀ ମାଧ୍ୟମରେ ଓ ସକାଳ ଅନୁଷ୍ଠାନ ସହଯୋଗରେ ସମ୍ପନ୍ନ ହୋଇଥିଲା। ଚଳିତ ବର୍ଷ ମୋହନା ବ୍ଲକର ୯୦୦୦ କୁଇଣ୍ଟାଲ ମାଣ୍ଡିଆ କିଣିବା ପାଇଁ ମଣ୍ଡିରେ ନିର୍ଦ୍ଧାରିତ କରାଯାଇଛି।

# ଜିଲାସ୍ତରୀୟ ବିଶ୍ୱକର୍ମା ଯୋଜନା କର୍ମଶାଳା

ବ୍ରହ୍ମପୁର,୨୪।୧(ନରସିଂହ ସାହୁ)

ଭାଜପା ପକ୍ଷରୁ ଜିଲାସ୍ତରୀୟ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ସଚେନତା କର୍ମଶାଳା ବୁଧବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ପାର୍ଟିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ବିଶ୍ୱକର୍ମା ରାଜ୍ୟ ସଂଯୋଜକ ରବି ମହାରଣା, ରାଜ୍ୟ ସଂଯୋଜିକା ଦିପ୍ତୀରେଖା ପଟ୍ଟନାୟକ, କୋଷାଧ୍ୟକ୍ଷ ସନ୍ତୋଷ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଗଞ୍ଜାମ ଜିଲା ସଭାପତି ଡ଼ା. ସୁବାସ ସାହୁ, ଜିଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ଯୋଜନାର ସ୍କ୍ରିନିଂ କମିଟି ସଦସ୍ୟ ରାଜେଶ କୁମାର, ଜିଲା ଉପସଭାପତି ସୁନିଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ବ୍ରହ୍ମପୁର ବିଧାନସଭା କ୍ଷେତ୍ର ଯୋଜନାର ସଂଯୋଜକ ରାମ କୁମାର ପାତ୍ର, ସହ ସଂଯୋଜକ ଗୁଙ୍ଗୁରୁ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ସାବତ, ପ୍ରଶାନ୍ତ କର, ମହିଳା ମୋର୍ଚ୍ଚା ନେତ୍ରୀ ବବିତା ପାତ୍ର, ଗଙ୍ଗାଧର ଶତପଥୀ, ଗୋପିନାଥ ପଣ୍ଡା, ଅନୁଜାନନ୍ଦ ବିଶ୍ୱାଳ ଓ ଅନ୍ୟମାନେ କର୍ମଶାଳାରେ ଯୋଗ ଦେଇଥିବା ଯୋଜନା ଅନ୍ତର୍ଭୁକ୍ତ ବିଶ୍ୱକର୍ମା ସମାଜର କାରିଗରମାନଙ୍କୁ ପ୍ରଶିକ୍ଷିତ କରାଇଥିଲେ। ରାଜ୍ୟ ନେତାମାନେ କହିଥିଲେ ଆତ୍ମ ନିର୍ଭରଶୀଳ ଭାରତରେ ୧୮ କୌଳିକ ବୃତ୍ତି ଜୀବୀକା ନିର୍ବାହ କରୁଥିବା ଲୋକଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱକର୍ମା ଯୋଜନା କରିଛନ୍ତି। ଏହାର ସୁଯୋଗ ନେବାକୁ ପରାମର୍ଶ ଦିଆଯାଇଥିଲା। ଅଧିକାଂଶ ବଢ଼େଇ ଜାତିର କାରିଗର କର୍ମଶାଳାରେ ସାମିଲ ହୋଇଥିଲେ।

# ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ, କେସି ଇଲେଭେନ ବିଜୟୀ

ବ୍ରହ୍ମପୁର,୨୪।୧(ତନୁଶ୍ରୀ ନାହାକ)

ଗୋଷାଣିନୁଆଗାଁ କେସି ହାଇସ୍କୁଲ ପଡ଼ିଆ ଠାରେ କେସି ଇଲେଭେନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆନ୍ତଃରାଜ୍ୟସ୍ତରୀୟ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚାଲିଛି। ବୁଧବାର ମିଡ଼ିଆ ଇଲେଭେନ ଓ କେସି ଭେଟେରାନ ଇଲେଭେନ ଟିମ୍ ମଧ୍ୟରେ ମ୍ୟାଚ ହୋଇଥିଲା। କେସି ଭେଟେରାନ ଇଲେଭେନ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୧୨୭ ରନ କରିଥିଲା। ଦ୍ୱିତୀୟ ଇନିଂସରେ ମିଡ଼ିଆ ଇଲେଭନ ୯ ଉଇକେଟ ବିନିମୟରେ ୧୧୯ ରନ କରିପାରିଥିଲା। ଫଳରେ କେସି ଇଲେଭେନ ୯ ରନରେ ବିଜୟୀ ହୋଇଛି। ଅମ୍ପାୟର ଭାବେ ଅଭିଷେକ ନାୟକ, ଆଦିତ୍ୟ ନାରାୟଣ ପାଢ଼ୀ, ସ୍କୋରର ଭାବେ ଜଗନ୍ନାଥ ଚୌଧୁରୀ ପରିଚାଳନା କରିଥିଲେ। କେସି ଇଲେଭେନର ସଭାପତି ବରେଣ ମହାପାତ୍ର, ବିଜୟ ପଟ୍ଟନାୟକ, ଲିପନ ପାଣିଗ୍ରାହୀ, ହରିହର ପାଢ଼ୀ , ସହ ସମ୍ପାଦକ ବଳରାମ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ ବ୍ରହ୍ମପୁର ଲାୟନ୍ସ ଇଲେଭେନ ଓ ଖୋଦ୍ଧା ୟୁନାଇଟେଡ଼ ବ୍ରଦର୍ସ ମଧ୍ୟରେ ଅନୁଷ୍ଠିତ ହେବ।

# ପଞ୍ଚମ ସନ୍ଧ୍ୟାରେ ‘ମୁଁ ନିର୍ଭୟା କହୁଛି’

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବ



ନାଟକର ଏକ ଦୃଶ୍ୟ।

ବ୍ରହ୍ମପୁର,୨୪।୧(ଅଶୋକ କୁମାର ସାହୁ):

ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ବୁଧବାର ପଞ୍ଚମ ସନ୍ଧ୍ୟାରେ ଭୁବନେଶ୍ୱର ଯାଁଳାର ଇନ୍ଦ୍ରଧନୁ ଥିଏଟର ପକ୍ଷରୁ ନାଟକ ‘ମୁଁ ନିର୍ଭୟା କହୁଛି...’ ପରିବେଷିତ ହୋଇଛି। ଦିଲ୍ଲୀରେ ଯେଉଁ ନିର୍ଭୟା ଘଟଣା ଘଟିଲା ସେ ସମୟରେ ଦେଶ ହଲଚଲ ହୋଇଯାଇଥିଲା। ଘରେ ସବୁବେଳେ ଆମେ ଝିଅମାନଙ୍କୁ ଶିଖାଉ, ବୁଲାବୁଲି କରିବାକୁ ବାରଣ କରୁ। କିନ୍ତୁ ପୁଅମାନଙ୍କୁ ସଚେତନ କରୁନୁ। ବର୍ତ୍ତମାନ ନାରୀ ସ୍ୱୟଂସିଦ୍ଧା ହୋଇଛି। ଆମେ ସେମାନଙ୍କୁ ସମ୍ମାନ ଦେବା ଉଚିତ। ସେମାନଙ୍କୁ ସମସ୍ତେ କିଭଳି ମିଳିମିଶି ସମ୍ମାନ ଦେବା ସହ ସଶକ୍ତ କରିପାରିବା ତାହା ନାଟକର ବିଷୟବସ୍ତୁ। ଶ୍ରୀବତ୍ସ ମହାନ୍ତିଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ବିନୟ ଦାଶ। ନାଟ୍ୟ ନିର୍ଦ୍ଦେଶକ ରାଜଗୋପାଳ ପାଢ଼ୀ, ଅନୁଷ୍ଠାନର ସହସମ୍ପାଦିକା ଆରତୀ ପାତ୍ର, ଓଡ଼ିଶା ନାଟକ ସମାରୋହ ସମିତିର ସଭାପତି ଅନୀଲ କୁମାର ପାତ୍ର ଏବଂ ସାଧାରଣ ସମ୍ପାଦକ ନାରାୟଣ ମହାଙ୍କୁଡ ପ୍ରମୁଖ ଉପସ୍ଥିତ ଥିଲେ।

# ନାରୀ ସଚେତନ ହେଲେ କନ୍ୟାରତ୍ନ ସୁରକ୍ଷିତ

ବ୍ରହ୍ମପୁର,୨୪।୧(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ବୁଧବାର ସିଟି ହସ୍ପିଟାଲ ପରିସରରେ ଥିବା ପ୍ରଜ୍ଞାନ ହଲରେ ପାଳିତ ହୋଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଉମା ଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଗତ ବର୍ଷଗୁଡିକ ଅପେକ୍ଷା ଚଳିତବର୍ଷ ଶିଶୁକନ୍ୟା ହାର ଜିଲାରେ ବୃଦ୍ଧି ପାଇଛି ବୋଲି କହିଥିଲେ। ଏ ନେଇ ବିଶେଷ ଭାବେ ଜିଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ଅଭିନବ ପଦକ୍ଷେପ ‘ମୋ ଗେହ୍ଲା ଝିଅ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା। ସେହିପରି କନ୍ୟା ଭ୍ରୁଣ ହତ୍ୟା ଓ ଅବାଧ ଗର୍ଭପାତ ରୋକିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ୨୦୨୦ରୁ ଯଦି ଦେଖିବା ଜିଲାରେ ଶିଶୁ କନ୍ୟାହାର ଏକ ହଜାରରେ ୯୦୯ରୁ କ୍ରମଶଃ ହ୍ରାସ ହୋଇ ଯାଉଥିବା ବେଳେ ଚଳିତ ବର୍ଷ ଏହା ବୃଦ୍ଧି ଘଟି ଏକ ହଜାର ଶିଶୁରେ ଏହାର ସଂଖ୍ୟା ୯୨୧ରେ ପହଞ୍ଚିଛି। ସେହିପରି ଏହି ହାର ବୃଦ୍ଧିରେ ଜିଲାରେ ସବୁଠୁ ଆଗରେ ରହିଛି କୁକୁଡାଖଣ୍ଡି ବ୍ଲକ। ଏହି ବ୍ଲକରେ ପୁତ୍ର ସନ୍ତାନ ହାର ଅପେକ୍ଷା କନ୍ୟା ସନ୍ତାନ ହାର ସବୁଠୁ ଆଗରେ ରହିଛି। ଏଠାରେ ୧ ହଜାରରେ ୯୨୩ ପୁତ୍ର ସନ୍ତାନ ରହିଥିବା ବେଳେ କନ୍ୟା ସନ୍ତାନ ହାର ୯୬୮ ରହିଛି। ସେହିପରି ଦ୍ୱିତୀୟ ସ୍ଥାନ ଅଧିକାରୀ କରିଛି ଖଲ୍ଲିକୋଟ ବ୍ଲକ । ଏଠାରେ ପୁତ୍ର ସନ୍ତାନ ହାର ୯୬୮ ରହିଥିବା ବେଳେ କନ୍ୟା ସନ୍ତାନ ହାର ୯୮୨ ରହିଛି। ସେହିପରି ସମାନତା ବଜାୟ ରଖିଛି ପାତ୍ରପୁର ବ୍ଲକ ଏଠାରେ ଉଭୟ ହାର ସମାନ ରହିଛି। ସେହିପରି ନାରୀ ଶିକ୍ଷିତ, ସୁରକ୍ଷିତ, ଆତ୍ମନିର୍ଭରଶୀଳ, ସ୍ୱାଭଲମ୍ବୀ ଓ ସଚେତନ ହେବା ଦ୍ୱାରା କନ୍ୟାଧନର ସୁରକ୍ଷା କରିପାରିବା ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିପିଏଚଓ ଡା. ଆର. ଜଗଦିଶ ପଟ୍ଟନାୟକ, ଏଡିଏମ ପିଏଚଓ ଡା. ସନ୍ତୋଷ କୁମାର ପାଢୀ, ଏଡିଏମ ପିଏଚଓ ଡା. ହର ମୋହନ ପଣ୍ଡା, ଡା. ଅନିଲ କୁମାର ରଥ, ସମାଜସେବୀ ବନମାଳି ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଆସିଷ୍ଟାଣ୍ଟ ମେନେଜର ପିସିପିଏନଡିଟି ଦିଲୀପ କୁମାର ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସେବିକା କଲେଜର ବହୁ ବିଦ୍ୟାର୍ଥୀ ଏଥିରେ ଅଂଶଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

